# Akashvani, Sambalpur

# SAMBALPURI NEWS MORNING BULLETIN

## 5 May 2026 - 6.47- 6.52 am.

---

ନିର୍ବାଚନ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମବଙ୍ଗ୍, ତାମିଲ୍‌ନାଡୁ, କେରଳମ୍, ଆସାମ୍ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ପୁଡୁଚେରୀ ବିଧାନ୍‌ସଭା ନିର୍ବାଚନ୍ ଫଲାଫଲ୍ ଗଲାକାଏଲ୍ ବାହାରିଛେ । ପଶ୍ଚିମବଙ୍ଗ୍ ଆଉ ଆସାମ୍ ନ ବିଜେପିକେ ବଡ୍ ସଫଲତା ମିଲିଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍, ଜନଶକ୍ତିର୍ ବିଜୟ ସହେତେ ପରିବର୍ତନ୍‌ର ସମିଆ ଆସିଛେ । ଇଥିର୍‌ଲାଗି ସେ ସାଧାରଣ୍ ଲୁକ୍‌କୁ ଧନ୍ୟବାଦ୍ ଜନେଇଛନ୍ । ପଶ୍ଚିମବଙ୍ଗ୍ ନ ବିଜେପିକେ ୨ ଶହ ୬ ଆସନ୍ ମିଲିଥିବାର୍ ବେଲେ ତୃଣମୂଲ୍ କଂଗ୍ରେସ୍‌କେ ୮୧ ଟା ଆସନ୍ ମିଲିଛେ । ଆସାମ୍ ନ ବିଜେପି ନେତୃତ୍ୱାଧୀନ୍ ଏନ୍‌ଡିଏକେ ଶହେ ୨ ଟା ଆସନ୍ ମିଲିଥିବାର୍ ବେଲେ ୩ ନମ୍ବର୍ ଥର୍ ଲାଗି ବିଜେପି ସେନ ସର୍‌କାର୍ ଗଠନ୍ କର୍‌ବାର୍‌କେ ଯାଉଛେ । କେରଳମ୍ ନ କଂଗ୍ରେସ୍ ନେତୃତ୍ୱଥି

ୟୁ.ଡି.ଏଫ୍. କେ ୮୫ ଟା, ତାମିଲ୍‌ନାଡୁ ନ ଟି.ଭି.କେ. ଦଲ୍‌କେ ଶହେ ୮ ଟା ଆସନ୍ ମିଲିଥିବାର୍ ବେଲେ ୩୦ ଟା ଆସନ୍ ଥିବା ପୁଡୁଚେରୀ ନ ଏନ୍.ଡି.ଏ ୧୮ ଟା ଆସନ୍‌ଥି ଜିତିଛେ ।

ମୁଖ୍ୟମନ୍ତ୍ରୀ-ଗୁଜୁରାଟ୍ ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ୩ ଦିନିଆ ଗୁଜୁରାଟ୍ ଗସ୍ତଥି ଯିବେ । ସେଠାନେ ସେ ଗୁଜୁରାଟ୍‌ର ୪ ଟା ସହରେ ଉଦ୍ୟୋଗ୍‌ପତି ଆଉ ନିବେଶକ୍‌ମାନ୍‌କୁ ଓଡ଼ିଶା ନ ପୁଞ୍ଜିନିବେଶ୍ କର୍‌ବାର୍ ଲାଗି ଆମନ୍ତ୍ରଣ୍ କର୍‌ବେ । ଅହମଦାବାଦ୍ ଠାନେ ଆଏଜ୍ ଗୁଟେ ବଡ଼ ନିବେଶକ୍ ରୋଡ଼୍ ସୋର ଆୟୋଜନ୍ କରାଯାଇଛେ । ବୟନ, ରସାୟନ ଆଉ ପେଟ୍ରୋକେମିକାଲ୍ସ, ଧାତବ ଆଉ ଆନୁସଙ୍ଗିକ୍ ଶିଳ୍ପ, ମେଡ଼ିକାଲ୍ ଡିଭାଇସ୍, ଫାର୍ମାସିଉଟିକାଲ୍ସ କ୍ଷେତ୍ର ଲାଗି ପୁଞ୍ଜିନିବେଶ୍ ହାସଲ୍ କର୍‌ବାର୍‌କେ ରାଜ୍ୟ ପ୍ରତିନିଧି ମଣ୍ଡଳୀ ଚେରେଷ୍ଟା କର୍‌ବେ । କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ପ୍ରକାରର୍ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେବା । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଆଉ ଅଲ୍‌ଗା ବରିଷ୍ଠ

ଅଧିକାରୀମାନେ ଗୁଜୁରାଟ୍ ଯିବେ । ତାଙ୍କର୍ ଇ ଗସ୍ତକେ ନେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ଦୃଢ଼ ଭିତିଭୂମି ଆଉ ଦକ୍ଷ ଶ୍ରମଶକ୍ତି ସହେତେ ଓଡ଼ିଶା ନିବେଶ୍ ଲାଗି ଗୁଟେ ପ୍ରସନ୍ଦର ଜାଗା ଭାବେ ଉଭା ହେଇଛେ । ଗୁଜୁରାଟ୍ କାର୍ଯ୍ୟକ୍ରମ୍ ଆମର୍ ଲୋକ୍‌ମାନ୍‌କର୍ ଲାଗି ନୂଆଁ ସୁଯୋଗ୍ ଆଉ ଭିନ୍ କ୍ଷେତ୍ରଥି ନିଯୁକ୍ତି ତିଆର୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଆଇ ଆଣ୍ଡ୍ ପି.ଆର୍

ବିଧାନ୍‌ସଭା ମାନ୍‌କର୍ କମିଟି ବାବଦ୍ ୨ ନମ୍ବର୍ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଆଏଜ୍ ରାଜସ୍ଥାନ୍‌ର ଜୟପୁର୍ ଠାନେ ହେବା । ମଧ୍ୟପ୍ରଦେଶ୍‌ର ବାଚସ୍ପତି ନରେନ୍ଦ୍ର ସିଂ ତୋମାର୍‌ଙ୍କର୍ ଅଧ୍ୟକ୍ଷତାଥି ରାଜସ୍ଥାନ୍ ବିଧାନ୍‌ସଭା ତର୍‌ଫୁ ହେବାର୍‌କେ ଥିବା ଇ ସମ୍ମିଳନୀଥି ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀଙ୍କର୍ ସହେତେ ପଶ୍ଚିମବଙ୍ଗ୍, ଉତର୍‌ପ୍ରଦେଶ୍, ହିମାଚଲ୍‌ପ୍ରଦେଶ୍, ସିକିମ୍ ଆଉ ରାଜସ୍ଥାନ୍‌ର ବାଚସ୍ପତି ମାନେ ଯୋଗ୍ ଦେବେ । ସମ୍ମିଳନୀଥି ବିଧାନ୍‌ସଭାମାନ୍‌କର୍ କମିଟି ବ୍ୟବସ୍ଥା ଆଉ ଆଏବା ଦିନେ

ଇସବୁକେ କେନ୍ତାକରି ଅଏତ୍‌କା ପ୍ରଭାବଶାଳୀ କରାଯାଇପାର୍‌ବା ସେଥିର୍‌ବାବ୍‌ଦେ ଆଲୋଚନା କରାଯିବା ।

ରାଜସ୍ୱ ମନ୍ତ୍ରୀ-ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍‌ର ସମୀକ୍ଷା ବୈଠକ୍ ବିଭାଗୀୟ ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ବିଭାଗ୍‌ର ସଂସ୍କାର୍ ଡିଜିଟାଲ୍ ସେବା ଆଉ ଲୋକାଭିମୁଖୀ ପଦକ୍ଷେପ୍ ବାବ୍‌ଦେ ଆଲୋଚନା ହେଇଥିଲା । ବିଭାଗ୍ ତର୍‌ଫୁ ୫୮ ଲାଖ୍ ନୁ ଅଏତ୍‌କା ଖାତା ସଂଶୋଧନ୍, ଓ.ଆର୍.ଟି.ପି.ଏସ୍ ଜରିଏ ୧ କୋଟିନୁ ଅଏତ୍‌କା ସେବା ପ୍ରଦାନ୍, ହ୍ୱାଟ୍‌ସ୍‌ଆପ୍ ଚାଟ୍‌ବଟ୍ ଆଉ ଇ-ରେଜିଷ୍ଟ୍ରେସନ୍ ଆପ୍ ଜରିଏ ଡିଜିଟାଲ୍ ସେବାକେ ବର୍‌କସ୍ କରାଯାଇଛେ । ରାଜସ୍ୱ ବିଭାଗ୍ ଆଏବା ଦିନେ ଅଲ୍‌ଗା ବିଭାଗ୍ ମାନ୍‌କର୍ ଲାଗି ପ୍ରେରଣାର୍ ଉତ୍ସ ହେବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ ଇ ଅବ୍‌ସରେ କହିଛନ୍ । ବୈଠକ୍‌ଥି ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଧାନ୍ ଘିନା            ଆର୍ଏନ୍ୟୁ/ ସମ୍ବଲପୁର

ଚଲ୍ତି ରବି ଋତୁ ଲାଗି ଆଘର୍ ବଛର୍ ବାଗିର୍ ଇ ବଛର୍ ଭିଲ୍ ରାଜ୍ୟ ସର୍କାର୍ ଚାଷୀମାନ୍କର୍ନୁ ଧାନ୍ ଘିନ୍ବେ । ଇ ମାସର୍ ୧ ତାରିଖ୍ନୁ ଜୁନ୍ ୩୦ ତାରିଖ୍ତକ୍ ଇଥିର୍ଲାଗି ସମିଆ ଧାରିଜ୍ କରାଯାଇଛେ । ଚାଷୀମାନ୍କୁ ସେମାନ୍କର୍ ଟୋକନ୍ ମୁତାବକ୍ ଧାରିଜ୍ ତାରିଖ୍ଥି ଧାନ୍ ଘିନା କେନ୍ଦ୍ରକେ ଧାନ୍ ଆନ୍ବାର୍ ଲାଗି ସର୍କାର୍ଙ୍କର୍ ତର୍ଫୁ ଅନୁରୋଧ୍ କରାଯାଇଛେ । ଅଏତ୍କା ସୂଚ୍ନା ଲାଗି ହେଲ୍ପଲାଇନ୍ ନମ୍ବର୍ ୧୯୬୭ଥି ଚାଷୀମାନେ ଯୋଗାଯୋଗ୍ କର୍ବାର୍ ଲାଗି ସର୍କାର୍ଙ୍କର୍ ତର୍ଫୁ କୁହାଯାଇଛେ ।

ରାଷ୍ଟ୍ରୀୟ ଲୋକ୍ ଅଦାଲତ୍       ଆର୍ଏନ୍ୟୁ/ ସମ୍ବଲପୁର

ଇ ବଛ୍ରର୍ ୨ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ଅଦାଲତ୍ ଆଏବା ୯ ତାରିଖ୍ ଶନିବାର୍ ଦିନ ହେବା । ହାଇକୋର୍ଟ ସହେତେ ସବୁ ଜିଲ୍ଲା ଆଉ ତାଲୁକ୍ସ୍ତରୀୟ ଅଦାଲତ୍ ମାନ୍କେ ବିଚାରାଧୀନ୍ ମାମ୍ଲା ମାନ୍କର୍

ଆପୋଷ ଆଲୋଚନା ଜରିଏ ସମାଧାନ୍‌କେ ତହଁକାବାର୍ ଲକ୍ଷ୍ୟଥି
ଇ ଅଦାଲତ୍ ହେବା ।

ବର୍‌ଗଡ଼୍-ଜଳ ବିଶୋଧନ୍ ପ୍ଲାଂଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ସହର୍ ପାଶେ ଥିବା ରହୁଣିଆ ଠାନେ ଗୁଟେ ଜଳ ବିଶୋଧନ୍ ପ୍ଲାଂଟ୍ ଥାପ୍‌ନା କରାଯିବା । ଇଥିର୍‌ଲାଗି ବର୍‌ଗଡ଼୍ ପୌରପାଳିକା ତର୍‌ଫୁ ଶହେ ୨୯ କୋଟି ଟଙ୍କା ଡିପିଆର୍ ତିଆର୍ ହେଇସାରିଛେ । ଡିପିଆର୍‌କେ ରାଜ୍ୟ ସର୍‌କାର୍ ମଞ୍ଜୁରୀ ଦେଇଥିବାର୍ ବେଲେ ପ୍ରଶାସନିକ୍ ଅନୁମୋଦନ୍ ଭିଲ୍ ମିଳିସାରିଛେ । ବୈଷୟିକ ଅନୁମତି ମିଲ୍‌ଲା ଉତ୍‌ରୁ ପ୍ଲାଂଟ୍ ଥାପ୍‌ନା ଲାଗି ଟେଣ୍ଡର୍ ଆହ୍ୱାନ୍ କରାଯିବା ବଲି ପୌର ପରିଷଦ୍ ନିର୍ବାହୀ ଅଧିକାରୀ ସୂଚ୍‌ନା ଦେଇଛନ୍ । ଇ ପ୍ଲାଂଟ୍ ଥାପ୍‌ନା ହେଲେ ନର୍ଦ୍ଦମାର୍ ପାଏନ୍‌କେ ବିଶୋଧନ୍ କରାଯାଇପାର୍‌ବା । ସହରର୍ ଭିନ୍ ଭିନ୍ ଇଲାକାନୁ ଆସୁଥିବା ନାଲି ପାଏନ୍‌କେ ଗୁଟେ ମାଷ୍ଟର୍ ଡ୍ରେନ୍ ଜରିଏ ରହୁଣିଆତକ୍ ନିଆଯିବା । ସେଠାନେ ବିଶୋଧନ୍ ପ୍ରକଳ୍ପ ଜରିଏ ପାଏନ୍‌କେ ସଫା କରାଯିବା ବଲି ଜନାପଡ଼ିଛେ ।

ଶୀତଲ୍‌ଷଷ୍ଠୀ- ବୈଠକ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ମିଳିତ କ୍ରିୟାନୁଷ୍ଠାନ୍ କମିଟିର୍ ପହେଲା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଇ ବଛର୍ ଲାଗି ମିଳିତ କ୍ରିୟାନୁଷ୍ଠାନ୍ କମିଟିର୍ ଭିନ୍ ଭିନ୍ ପଦ୍‌ବୀର୍ ଲାଗି ପ୍ରାର୍ଥୀ ଚୟନ୍ କରାଯାଇଥିଲା । ତିନ୍‌ହି ମୁଖିଆ କମିଟିର୍ ନନ୍ଦ୍‌ପଡ଼ା, ଝାଡୁଆପଡ଼ା ଆଉ ମୁଦିପଡ଼ା ଯାତ୍ରା କମିଟି ଲାଗି ଭିନ୍ ଭିନ୍ ପଦ୍‌ବୀଥି ସଦସ୍ୟ ବଛାଯାଇଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀର୍ ବଲେ ବର୍ଷା ହେବାର୍‌ନୁ ତାପମାତ୍ରା କମିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଘଡ୍‌ଘଡ଼ି ସହେତେ ଜବର୍ ବର୍ଷା ହେବା ବଲି ସମ୍ବଲ୍‌ପୁର୍, ଅନୁଗୁଲ୍, ବୌଦ୍ଧ, କେନ୍ଦୁଝର ଆଉ କନ୍ଧମାଲ୍ ଜିଲ୍ଲାକେ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା

ଜାରି କରାଯାଇଛେ । ଆଏବା ୪ ଦିନ୍‌ତକ୍ ରାଏଜେ ପାଗ୍ ଏନ୍ତା ରହେବା ବଲି କେନ୍ଦ୍ର ତର୍‌ଫୁଁ ସୂଚ୍‌ନା ଦିଆଯାଇଛେ । ରାଜ୍ୟର୍ ସବୁନୁ ଜହ ତାପମାତ୍ରା ଗଲାକାଏଲ୍ ବୌଦ୍ଧ ଜିଲ୍ଲା ନ ୪୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।